## ସଂକ୍ଷେପରେ

### ବିତରକ ସଂଘ ବରିଷ୍ଠ ସଦସ୍ୟଙ୍କ ଅକାଳ ବିୟୋଗ

**ଅନୁଗୋଳ,୨୯।୬ (ଅମିତ କୁମାର ସାମଲ):** ଅନୁଗୋଳ ଖବରକାଗଜ ବିତରକ ସଂଘର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ (୪୮)ଙ୍କ ଗତ ବୁଧବାର ରାତିରେ ଅକାଳ ବିୟୋଗ ଘଟିଛି। ବଲାସିଙ୍ଗା ବାଲିସାହି ଗାଁର ରମେଶ କିଛି ଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ



ଥିଲେ। ଗତ ବୁଧବାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ସନ୍ଧ୍ୟାରେ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ପରଲୋକ ଘଟିଥିଲା। ତାଙ୍କ ବିୟୋଗରେ ସଂଘ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ଗୁରୁବାର ଖବରକାଗଜ ବିତରଣ ବନ୍ଦ ରଖା ଯାଇଥିଲା। ଜଣେ କର୍ତ୍ତବ୍ୟନିଷ୍ଠ ବିତରକ ଭାବେ ରମେଶ ସୁପରିଚିତ ଥିଲେ।

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**କଣିହାଁ,୨୯।୬(ସଚ୍ଚିଦାନନ୍ଦ ପ୍ରଧାନ):** କଣିହାଁ ଥାନା ପୋଲିସ ଜଣେ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ମାମଲା ରୁଜୁ କରିଛି। ଥାନା ସୂଚନାରୁ ଜଣାଯାଏ, କଣିହାଁ ଥାନା ଅଞ୍ଚଳର ଜଣେ ଛାତ୍ରୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନରେ ଯୁକ୍ତ୨ରେ ଅଧ୍ୟୟନ କରୁଥିଲେ। ସେହି ଶିକ୍ଷାନୁଷ୍ଠାନର ୱାର୍ଡର ବିଶ୍ୱରଞ୍ଜନ ରଣା ତାଙ୍କୁ ଅପହରଣ କରି ନେଇଥିବା ଛାତ୍ରୀଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୩୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରଠାରେ ରଥ ଉପରେ ବଡ଼ଠାକୁରଙ୍କ ସୁନାବେଶ।



ସୁନା ବେଶରେ ଦର୍ଶନ ଦେଉଛନ୍ତି ଦେବୀ ସୁଭଦ୍ରା।



ସୁବର୍ଣ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ମହାପ୍ରଭୁ ଜଗନ୍ନାଥ।

# ସୁନାବେଶ ଦେଖି ଭାବବିହ୍ୱଳ ଶ୍ରଦ୍ଧାଳୁ

**ଅନୁଗୋଳ,୨୯।୬ (ଅମିତ କୁମାର ସାମଲ)**

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରରେ ଲାଗିଥିବା ତିନି ରଥ ଉପରେ ଗୁରୁବାର ଦାରୁଦିଅଁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ବଡ଼ ଏକାଦଶୀରେ ରଥ ଉପରେ ୩ ଠାକୁରଙ୍କ ଏହି ବେଶ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ଭିଡ଼ ରାତି ଯାଏ ଚାଲିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଶୈଳଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇଉଠିଥିଲା। ତେବେ ଅସମ୍ଭାଳ ଗହଳିକୁ ଦେଖି ବେଶ ସମୟକୁ ଅଧିକ ଅଧଘଣ୍ଟା ବଢ଼ାଇ ଦିଆଯାଇଥିଲା।

ହରିଶୟନ ଏକାଦଶୀରେ ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରକୁ ଅପରାହ୍ନରୁ ହିଁ ଶ୍ରଦ୍ଧାଳୁମାନଙ୍କ ଆଗମନ ଆରମ୍ଭ ହୋଇଯାଇଥିଲା। ତେଣୁ ଭକ୍ତମାନେ କିପରି ଶ୍ରୀଜୀଉଙ୍କ ଦର୍ଶନ ଭଲଭାବେ କରିପାରିବେ ସେଥିପାଇଁ ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏପରି କି ଅପରାହ୍ନ ସାଢ଼େ ୪ଟାରୁ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାରମାନ ଅଣାଯାଇଥିଲା। ସୁନାର ମୁକୁଟ ସହ ଶଙ୍ଖ, ଚକ୍ର, ଗଦା, ପଦ୍ମ, ମାଳ, ଲଙ୍ଗଳ ଆଦି ଅଣାଯାଇ ଶ୍ରୀଜୀଉଙ୍କୁ ସାଜସଜ୍ଜା କରାଯାଇଥିଲା। ପାଖାପାଖି ଦେଢ଼ଘଣ୍ଟା ଧରି ସାଜସଜ୍ଜା ପରେ ସନ୍ଧ୍ୟା ୬ଟାରେ ମହାପ୍ରଭୁଙ୍କୁ ପାଟ ଓ ଫୁଲରେ ସୁସଜ୍ଜିତ କରାଯିବା କାର୍ଯ୍ୟ ଶେଷ ହୋଇଥିଲା। ଏହାପରେ ସନ୍ଧ୍ୟା ୬ଟା ୧୫ରେ ୩ ରଥରେ ସନ୍ଧ୍ୟା ଆଳତି କରାଯାଇଥିଲା। ଏଥିସହ ଭକ୍ତଙ୍କ ଦର୍ଶନ ପାଇଁ ସନ୍ଧ୍ୟା ସାଢ଼େ ୬ଟାରେ ପହଡ଼ ଖୋଲିଥିଲା। ସମବେତ ଶ୍ରଦ୍ଧାଳୁମାନେ ଦାରୁଦିଅଁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରିଥିଲେ। ଧୀରେ ଧୀରେ ଜନସମାଗମ ବୃଦ୍ଧି ପାଇବାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାତି ସାଢ଼େ ୯ଟା ପରିବର୍ତ୍ତେ ରାତି ୧୦ଟା ପର୍ଯ୍ୟନ୍ତ ସୁନାବେଶ ଦର୍ଶନର ସୁଯୋଗ ଦିଆଯାଇଥିଲା। ଅନୁଗୋଳ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆରାଧନା ଭଜନ ସନ୍ଧ୍ୟା ଗ୍ରୁପ୍ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସାଥୀମାନେ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ଶୁକ୍ରବାର ରଥ ଉପରେ ଅଧରପଣା ଲାଗି କରାଯିବା ପରେ ତିନିଠାକୁରଙ୍କ ନୀଳାଦ୍ରିବିଜେ କରାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



> **ସୁବର୍ଣ୍ଣ ବେଶରେ ସଜ୍ଜିତ ହୋଇଥିଲେ ଶ୍ରୀଜୀଉ। ରଥ ଉପରେ ଏହି ଦୁର୍ଲଭ ବେଶ ଦେଖି ଭାବବିହ୍ୱଳ ହୋଇଯାଇଥିଲେ ସହସ୍ରାଧିକ ଶ୍ରଦ୍ଧାଳୁ। ବର୍ଷକରେ ଥରେ ଚର୍ମ ଚକ୍ଷୁରେ ଏପରି ଦିବ୍ୟ ଦର୍ଶନ କରିବାର ସୁଯୋଗ ପାଇ ଧନ୍ୟ ମନେ କରିଥିଲେ ସେମାନେ। କାହା ଆଖିରୁ ଝରିପଡୁଥିଲା ଆନନ୍ଦର ଅଶ୍ରୁ ତ ଆଉ କିଏ ଗଦ୍‌ଗଦ୍ ହୋଇଯାଉଥିଲା ଖୁସିରେ।**

### ଅଧିକ ଅଧଘଣ୍ଟା ଦର୍ଶନ ବ୍ୟବସ୍ଥା



ସନ୍ଧ୍ୟା ସାଢ଼େ ୬ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ସୁନାବେଶ ଦର୍ଶନ ପାଇଁ ସମୟ ରହିଥିଲା। ହେଲେ ପ୍ରବଳ ଜନସମାଗମ ହେବାରୁ ଏହାକୁ ରାତି ୧୦ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

-ହେମନ୍ତ ଦାସ, ସମ୍ପାଦକ, ମନ୍ଦିର ପରିଚାଳନା କମିଟି

### ଦୁର୍ଲଭ ବେଶ ଦେଖିବାକୁ ମିଳିଲା



ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ ବଡ଼ ଭାଗ୍ୟର କଥା। ମହାବାହୁଙ୍କ ସେହି ଦୁର୍ଲଭ ବେଶ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲି। ଏହି ଦର୍ଶନ ସମୟ ଅତ୍ୟନ୍ତ ଶୁଭ ହୋଇଥିବାରୁ ଭକ୍ତଙ୍କ ମନସ୍କାମନା ଠାକୁର ପୂରଣ କରିଥାନ୍ତି।

-ସବିତା ଦାସ, ଶ୍ରଦ୍ଧାଳୁ

### ଅପୂର୍ବ ଆନନ୍ଦ ମିଳିଲା



ତିନି ଠାକୁରଙ୍କ ସୁନାବେଶ ଦେଖିବା ପରେ ମନକୁ ଅପୂର୍ବ ଆନନ୍ଦ ମିଳିଲା। ହୃଦୟରେ ଏତେ ଭାବ ଥିଲା ଯେ ଆଖିରେ ଅଶ୍ରୁ ଆସିଯାଇଥିଲା। ଭାଗ୍ୟରେ ଥିଲେ ଆଗାମୀ ବର୍ଷରେ ମଧ ଏପରି ବେଶ ଦର୍ଶନ କରିବାକୁ ଚେଷ୍ଟା କରିବି।

-ଅନିତା ସ୍ୱାଇଁ, ଶ୍ରଦ୍ଧାଳୁ

### ପୁଣି ଆଗାମୀ ଥର ଆସିବି



କରୋନା ମହାମାରୀ ଯୋଗୁ ୨ବର୍ଷ ଦର୍ଶନରୁ ବଞ୍ଚିତ ହୋଇଥିଲି। ତେବେ ସେଇ ଦିଅଁଙ୍କ କୃପାରୁ ମହାମାରୀରୁ ଜୀବନ ବଞ୍ଚିଯାଇଥିବାରୁ ଗତ ୨ ବର୍ଷ ହେବ ସୁରୁଖୁରରେ ସୁନାବେଶ ଦର୍ଶନ କରୁଛି। ଆଗାମୀ ବର୍ଷମାନଙ୍କରେ ପୁଣି ଶୈଳଶ୍ରୀକ୍ଷେତ୍ର ଆସି ସୁନାବେଶ ଦେଖିବି।

-ସୌଦାବିନୀ ବାରିକ, ଶ୍ରଦ୍ଧାଳୁ

# ୫-ଟି ସଚିବଙ୍କ ଗସ୍ତ ପାଇଁ ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ବିଜେଡି ନେତାମାନେ।

**ବଇଣ୍ଡା,୨୯।୬(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଓ ଆଠମଲ୍ଲିକ ବ୍ଲକକୁ ଜୁଲାଇ ୧୧ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମେ ୫-ଟି ସଚିବ କିଶୋରନଗର ବ୍ଲକ ବଏଜା ମଠକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ପରେ କିଶୋରନଗର ବ୍ଲକରେ ମହିଳା ଗୋଷ୍ଠୀଙ୍କ କ୍ୟାଣ୍ଟିନ ପରିଦର୍ଶନ କରିବା ସହ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିବେ। ସେହିପରି ଆଠମଲ୍ଲିକ ବ୍ଲକ ଦେଉଳଝରି ଶୈବପୀଠକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଆଠମଲ୍ଲିକରେ ଏକ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଏ ନେଇ ଗୁରୁବାର ଆଠମଲ୍ଲିକ ବିଜେଡି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କିଶୋରନଗର ବ୍ଲକ ନାକିଚିଠାରେ ପର୍ଯ୍ୟବେକ୍ଷକ କୁନୁବିହାରୀ ଦାସ, ବିଜେଡି ନେତା ନଳିନୀ ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ସାମିଲ ଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତିକୁ ସମାଲୋଚନା

**ଅନୁଗୋଳ,୨୯।୬ (ଅମିତ କୁମାର ସାମଲ)**

ଅନୁଗୋଳ ସହରରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ବେଳେ ଜିଲାପାଳ ଓ ଏସ୍‌ପି ଅନୁପସ୍ଥିତ ଥିବାରୁ ଏହାକୁ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ କଡ଼ା ସମାଲୋଚନା କରିଛନ୍ତି। ଏକ ପ୍ରେସ୍ ବିବୃତିରେ ପ୍ରଧାନ କହିଛନ୍ତି, ପ୍ରତିବର୍ଷ ବାହୁଡ଼ା ଯାତ୍ରା ବେଳେ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ରହି ନିଜ ଦାୟିତ୍ୱ ତୁଲାଇଥାନ୍ତି। ହେଲେ ଚଳିତବର୍ଷ ଏହା ଦେଖାଯାଇ ନାହିଁ। ଉକ୍ତ ଦିନ ଅନୁଗୋଳ ଜିଲାକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆସିଥିବାରୁ ଜିଲାପାଳ ଓ ଏସ୍‌ପି ତାଙ୍କ ନିକଟକୁ ଚାଲିଯାଇଥିଲେ। ବାହୁଡ଼ା ଯାତ୍ରା ଠାରୁ ୫-ଟି ସଚିବଙ୍କ ଗସ୍ତ କ'ଣ ଏତେ ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲା ଭାଜପା ସଭାପତି ପ୍ରଧାନ ପ୍ରଶ୍ନ କରିଛନ୍ତି। ଅନୁଗୋଳ ଜିଲାପାଳ ଓ ଏସ୍‌ପିଙ୍କ ଏପରି କାର୍ଯ୍ୟକୁ ପ୍ରଧାନ ନିନ୍ଦା କରିଛନ୍ତି।

# ନାଲ୍‌କୋ ସିପିପିରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ



**ବଁଅରପାଳ,୨୯।୬(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲାରେ ଥିବା ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ସିପିପିରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଷ୍ଟକୟାର୍ଡରେ ବର୍ଷା ପାଣି ପଶିଯିବାରୁ କୋଇଲା ଫିଡିଂରେ ସମସ୍ୟା ହେଉଥିବା ଓ ବଏଲର ଷ୍ଟାର୍ଟ ପାଇଁ ଆବଶ୍ୟକ ପଡୁଥିବା ହେଭି ଫୁଏଲ ଅଏଲ (ଏଚ୍‌ଏଫ୍‌ଓ) ଏବଂ ଲାଇଟ୍ ଡିଜେଲ ଅଏଲ (ଏଲ୍‌ଡିଓ) ଆବଶ୍ୟକ ପରିମାଣର ନ ଥିବାରୁ ବିଦ୍ୟୁତ୍ ଉତ୍ପାଦନ କରୁଥିବା ୨ଟି ୟୁନିଟ୍ ବନ୍ଦ ରହିଛି। ଫଳରେ ପ୍ଲାଣ୍ଟରୁ ଦୈନିକ ୨୪୦ ମେଗାୱାଟ୍ କମ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି।

ପ୍ରକାଶ ଯେ, ନାଲକୋ ସିପିପିରେ ୧୦ଟି ୟୁନିଟ୍ ରହିଛି। ପ୍ରତି ୟୁନିଟ୍‌ରୁ ଦୈନିକ ୧୨୦ ମେଗାୱାଟ୍ ଲେଖାଏ ମୋଟ୍ ୧୨ଶହ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ପ୍ଲାଣ୍ଟରୁ ଉତ୍ପାଦନ ହୋଇଥାଏ। କିନ୍ତୁ ପ୍ଲାଣ୍ଟର କୋଇଲା ଷ୍ଟକୟାର୍ଡରେ ବର୍ଷା ପାଣି ପଶିବା ଯୋଗୁ କୋଇଲା ଠିକ୍ ଭାବେ ବଙ୍କରରେ ଫିଡିଂ ହୋଇପାରୁନାହିଁ। ସେହିପରି ବଏଲର ଷ୍ଟାର୍ଟ ପାଇଁ ଆବଶ୍ୟକ ଏଚ୍‌ଏଫ୍‌ଓ ଏବଂ ଏଲ୍‌ଡିଓର ପରିମାଣ ମଧ୍ୟ ଆବଶ୍ୟକତାଠାରୁ କମ୍ ରହିଛି। ଏସବୁ କାରଣରୁ ସିପିପିର ୨ଟି ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଫଳରେ ଏବେ ଦୈନିକ ୮ଟି ୟୁନିଟ୍‌ରୁ ୯୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି। ତେଲ ସମସ୍ୟାର ସମାଧାନ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷ ସ୍ମେଲଟର ପ୍ଲାଣ୍ଟରୁ ଟ୍ୟାଙ୍କର

### କୋଇଲା ଫିଡିଂରେ ସମସ୍ୟା, ତେଲ ସଙ୍କଟ

ଯୋଗେ ତେଲ ଆଣିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ଏ ସମ୍ପର୍କରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ଉପସଭାପତି ପ୍ରଣବ ଜେନା କହିଛନ୍ତି, ନାଲ୍‌କୋରେ କୋଇଲା ପରେ ତେଲ ସମସ୍ୟା ଦେଖାଦେଇଛି। ତେଲ ଅଭାବ ଯୋଗୁ ବଏଲର ଷ୍ଟାଟିଂ କରିବାରେ ଅସୁବିଧା ହେଉଛି। ନାଲ୍‌କୋ ଏମ୍ପ୍ଲୋୟିଜ ସଂଘ ସଭାପତି ନିର୍ମଳ ସାମଲ କହିଛନ୍ତି, ସିପିସିରେ କୋଇଲା ସମସ୍ୟା ସାଙ୍ଗକୁ ତେଲର ଅଭାବ ଦେଖାଦେଇଛି। ଏହାର କୁ ପ୍ରଭାବ ସ୍ମେଲଟର ଉପରେ ପଡୁଛି। ପଟ୍‌ଲାଇନ ଯେତିକି କିଲୋ ଆମ୍ପିୟରରେ ଚାଲିବା କଥା ତାହା ହେଉନାହିଁ। ତେଣୁ ଉତ୍ପାଦନ ହ୍ରାସ ପାଉଛି। ନାଲ୍‌କୋ ସିପିସି ଡିଜିଏମ୍ ସୁନୀଲ ମହାପାତ୍ର କହିଛନ୍ତି, ଷ୍ଟକୟାର୍ଡରେ ପାଣି ପଶିଯିବା ଯୋଗୁ ଠିକ୍ ଭାବେ କୋଇଲା ଫିଡିଂ ହୋଇପାରୁନାହିଁ। ତେଣୁ ସମସ୍ୟା ଉପୁଜିଛି। ଏଥିସହ ତେଲର ଅଭାବ ରହିଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହୋଇଯିବ।



ନାଲ୍‌କୋ ଏମ୍ପ୍ଲୋୟିଜ ୟୁନିୟନ କର୍ମକର୍ତ୍ତାମାନେ ଅନୁଗୋଳ ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ରଙ୍କୁ ଭେଟୁଛନ୍ତି।



ଆଠମଲ୍ଲିକ ବ୍ଲକ ମାନଜୋର ବଙ୍ଗଳା ପରିସରରେ ହାତୀ ପ୍ରବେଶ କରିଛନ୍ତି।



ଆଠମଲ୍ଲିକଠାରେ ରଥ ଉପରେ ତିନି ଠାକୁରଙ୍କ ସୁବର୍ଣ୍ଣ ବେଶ।

## ସଂକ୍ଷେପରେ

### ଦୋକାନୀ-ଗ୍ରାହକ ହାତାହାତି, ୩ ଗିରଫ

ଅନୁଗୋଳ,୨୯।୬ (ଅମିତ କୁମାର ସାମଲ): ଅନୁଗୋଳ ଥାନା ହୁଲୁରିସିଂହା ପୋଲ ନିକଟରେ ଗୁରୁବାର ଜଣେ ଦୋକାନୀ ଓ ଗ୍ରାହକ ହାତାହାତି ହୋଇଛନ୍ତି। ଏ ନେଇ ଅନୁଗୋଳ ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୩୦୪/୨୩ ଓ ୩୦୫/୨୩ରେ ମାମଲା ରୁଜୁ କରି ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହୁଲୁରିସିଂହା ଆମ୍ବେଡକରନଗରର ମୁକୁଲ ମୁଖୀ(୨୮), ଅର୍ଜୁନ ବେହେରା(୪୮) ଓ ହୁଲୁରିସିଂହା ନୁହୁରାସାହିର ମନୋଜ ବେହେରା(୩୧)। ପୋଲିସ କହିଛି, ମୁକୁଲ ବୁଧବାର ହୁଲୁରିସିଂହା ପୋଲ ନିକଟରେ ଥିବା ମନୋଜଙ୍କ ଦୋକାନକୁ ଯାଇଥିଲେ। ସେଠାରେ ସେ ଥଣ୍ଡା ପିଇଥିଲେ ମଧ୍ୟ ମନୋଜଙ୍କୁ ଟଙ୍କା ଦେଇ ନ ଥିଲେ। ଏଭଳି କି ଦୋକାନୀ ମନୋଜ ଟଙ୍କା ମାଗିବାରୁ ମୁକୁଲ ଥଣ୍ଡା ବୋତଲରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ମୁକୁଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ମନୋଜ ତାଙ୍କୁ ଜାତିଆଣ ଆକ୍ଷେପ କରି କରିବା ସହ ମାରଧର କରିଛନ୍ତି।

# ସ୍ଥିତି ସୁଧାରିଲା ପ୍ରଶାସନ

### ନଳକୂପ ଚାରି ପାଖରୁ ହେଲା ବର୍ଷାଜଳ ନିଷ୍କାସନ

ମାଧପୁର,୨୯।୬(ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର କୁନ୍ଦନାଳି ରେଞ୍ଜ ଅଫିସ ଠାରୁ ନୂଆଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ସୋରିଷପଙ୍କ କୁଡ଼ାସାହି ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ନଳକୂଅ ବର୍ଷା ପାଣି ଘେରରେ ରହିଥିଲା। ଫଳରେ କୁଡ଼ାସାହିରେ ରହୁଥିବା ୩୦ରୁ ଅଧିକ ପରିବାର ଉକ୍ତ ନଳକୂଅ ପାଣିରୁ ବଞ୍ଚିତ ହେଉଥିଲେ। ଗତବର୍ଷ ଏପରି ସମସ୍ୟା ସୃଷ୍ଟି ହୋଇଥିଲେ ହେଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲେ ହେଁ କିଛି କରାଯାଇ ନ ଥିଲା। ତେବେ ଚଳିତବର୍ଷ ମୌସୁମୀ ବର୍ଷା ଆରମ୍ଭରୁ ଉକ୍ତ ନଳକୂଅ ଆଣ୍ଠୁଏ ପାଣି ଘେରରେ ରହିଥିଲା। ଏହାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଖବରପାଇ ପ୍ରଶାସନ ପକ୍ଷରୁ ଗୁରୁବାର ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।


ରାସ୍ତା ପାର୍ଶ୍ୱ ନଳକୂଅ ଚାରିପଟୁ ବର୍ଷା ଜଳ ନିଷ୍କାସନ ସହ ହ୍ୟୁମ୍ ପାଇପ୍ ବସାଯାଉଛି।

ପ୍ରକାଶ ଯେ, ଅସରାଏ ବର୍ଷା ହେଲେ ସୋରିଷପଙ୍କ କୁଡ଼ାସାହି ଗ୍ରାମ୍ୟ ରାସ୍ତା ଓ ଏହା ପାର୍ଶ୍ୱରେ ଥିବା ନଳକୂଅ ନିକଟରେ ଆଣ୍ଠୁଏ ପାଣି ଜମି ରହୁଛି। ପୂର୍ବରୁ ଏହି ସ୍ଥାନରେ ବର୍ଷା ପାଣି ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପର ଦେଇ ନିଷ୍କାସିତ ହେଉଥିଲା। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯିବା ବେଳେ ରାସ୍ତାକୁ ଉଚ୍ଚ କରିଦିଆଯିବାରୁ ବର୍ଷା ପାଣି ସୋରିଷପଙ୍କ କୁଡ଼ାସାହି ରାସ୍ତା ପାର୍ଶ୍ୱରେ ଥିବା ନଳକୂଅ ନିକଟରେ ଜମି ରହୁଛି। ଫଳରେ ଏହି ନଳକୂଅରୁ ପାଣି ଆଣି ଲୋକେ ବ୍ୟବହାର କରିପାରୁ ନାହାନ୍ତି। ଗାଁରେ ଥିବା ଖୋଲା କୂଅରୁ ସମସ୍ତେ ପାଣି ଆଣୁଥିବାରୁ ରୋଗ ବ୍ୟାପିବାର ସମ୍ଭାବନା ରହୁଛି। ସେହିପରି ରାସ୍ତା ଉପରେ ପାଣି ଜମି ରହିବା ଯୋଗୁ ୩୦ ପରିବାର ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଥିଲା। ସେତେବେଳେ ଏ ନେଇ ସ୍ଥାନୀୟ ସାମାଜିକ କର୍ମୀ ପ୍ରିୟଦର୍ଶିନୀ ସ୍ୱାଇଁ ଟୁଇଟ୍ ଓ ଜନଶୁଣାଣି ମାଧ୍ୟମରେ ପଞ୍ଚାୟତିରାଜ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରିଥିଲେ। ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୫୦ ମିଟର ଡ୍ରେନ୍ ତିଆରି ପାଇଁ ପ୍ରସ୍ତାବ ଦିଆଯାଇଥିବା ଓ ଅନୁମୋଦନ ପରେ ଏହା କରାଯିବ ବୋଲି କୁହାଯାଇଥିଲା। ପଞ୍ଚାୟତିରାଜ ବିଭାଗ ମଧ୍ୟ ଡ୍ରେନ ତିଆରି କରି ଜଳ ନିଷ୍କାସନ କରାଯିବ ବୋଲି କହିଥିଲା। ହେଲେ କେବଳ କେତୋଟି ହ୍ୟୁମ୍ ପାଇପ୍ ଆଣି ରଖାଯିବା ବ୍ୟତୀତ ଉଭୟ ବିଭାଗ ପକ୍ଷରୁ କିଛି ବି ପଦକ୍ଷେପ ନିଆ ନ ଯିବାରୁ ଚଳିତବର୍ଷ ମୌସୁମୀ ବର୍ଷା ପରେ ପୂର୍ବସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ମଧୁସ୍ମିତା ଦଳେଇ କହିଛନ୍ତି, ରାସ୍ତା ନିର୍ମାଣ କରିଥିବା ଠିକାଦାରଙ୍କୁ ଗତବର୍ଷ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ସେ ମଧ୍ୟ ରାଜି ହୋଇଥିଲେ। କିନ୍ତୁ କାର୍ଯ୍ୟ କରି ନ ଥିବା ଜଣାପଡ଼ିବା ପରେ ଗୁରୁବାର ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ କରାଯାଇଛି।

# ବିଦ୍ୟୁତ୍ କର୍ମଚାରୀଙ୍କ ବିୟୋଗ

ଅନୁଗୋଳ,୨୯।୬ (ଅମିତ କୁମାର ସାମଲ)

### ପରିବାରର ଜଣଙ୍କୁ ଟିପିସିଓଡିଏଲ୍‌ରେ ନିଯୁକ୍ତି ଦାବି

ଟିପିସିଓଡିଏଲ୍ ଅନୁଗୋଳ ବିଦ୍ୟୁତ୍ ଡିଭିଜନରେ କାର୍ଯ୍ୟରତ ମିଟର ରିଡର ତଥା ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ କୋଷାଧ୍ୟକ୍ଷ ରଜତ କୁମାର ମହାନ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେଲା କ୍ୟାନ୍ସରରେ ପୀଡିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହି ଖବର ମିଳିବା ପରେ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ତାଙ୍କ ପୁରୁଣାଗଡସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ରଜତଙ୍କ ଉପରେ ପରିବାର ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାରୁ ଆର୍ଥିକ ସହାୟତା ଯୋଗାଇଦେବା ସହ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଟିପିସିଓଡିଏଲ୍‌ରେ ନିଯୁକ୍ତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ଦୀପକ କୁମାର ସିଂହ, କାର୍ଯ୍ୟକାରୀ ସଭାପତି ମାନସ ପାଳଙ୍କ ସମେତ କାର୍ଯ୍ୟକର୍ତ୍ତା ସୁକାନ୍ତ ସାହୁ, ଦିଲ୍ଲୀପ ବିଶ୍ୱାଳ, ଅଶ୍ୱିନୀ ଦାସ, ସିଦ୍ଧାନ୍ତ ମହାପାତ୍ର, ଦିଲିପ ସାସମଲ ପ୍ରମୁଖ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ନିବେଦନ କରିଛନ୍ତି।


ଶେଷ ଦର୍ଶନ ପାଇଁ ଆସିଥିବା ସଂଘ କର୍ମକର୍ତ୍ତାମାନେ।

# ସୁରକ୍ଷା, ଅଧିକାର ପ୍ରତି ସରକାର ଧ୍ୟାନ ଦିଅନ୍ତୁ

ଅନୁଗୋଳ,୨୯।୬ (ଅମିତ କୁମାର ସାମଲ)

ଅନୁଗୋଳ ବାବାସାହେବ ଆମ୍ବେଡକର ଫାଉଣ୍ଡେଶନର ଏକ ବୈଠକ ସ୍ଥାନୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ସି/ଏସ୍‌ଟି ଲୋକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୧୪ ତାରିଖରେ ବଲାଙ୍ଗୀର ଜିଲା ଖଲିଆପାଲି ଗ୍ରାମରେ ଗାଧୁଆ ତୁଠରେ ସବର୍ଣ୍ଣ ଲୋକମାନେ ଜଣେ ଅସବର୍ଣ୍ଣ ନାବାଳକ ଛାତ୍ରଙ୍କୁ ପିଟି ମାରିଦେବା ଭଳି ଘଟଣା ଘଟିଥିଲା। ବାବାସାହେବ ଆମ୍ବେଡକର ଫାଉଣ୍ଡେଶନର ଏକ ପ୍ରତିନିଧି ଦଳ ସମ୍ପୃକ୍ତ ନାବାଳକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏଭଳି ପରିସ୍ଥିତି ଯେପରି ନ ଉପୁଜେ ସେ ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ସହିତ ଆଲୋଚନା କରିଥିଲେ। ସେହିପରି ଗତ ୨୮ ତାରିଖରେ ଉତ୍ତରପ୍ରଦେଶରେ ଭୀମ ଆର୍ମୀ ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଗୁଳି ମାଡ଼ ଯୋଗୁ ଆହତ ହେବା ଘଟଣାକୁ ଫାଉଣ୍ଡେଶନ ତରଫରୁ ଦୃଢ଼ ନିନ୍ଦା କରାଯାଉଛି। ତୁରନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଏସ୍‌ସି/ ଏସ୍‌ଟିଙ୍କ ସୁରକ୍ଷା ଓ ଅଧିକାର ପ୍ରତି ଧ୍ୟାନ ଦେବାକୁ ବୈଠକରେ ଦାବି କରାଯାଇଥିଲା। ଏଥିରେ ଫାଉଣ୍ଡେଶନ ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ, ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ, କୋଷାଧ୍ୟକ୍ଷ କୁମୁଦଚନ୍ଦ୍ର ନାଏକ, ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ନାଏକ, ସଦସ୍ୟ ଓ ଆଇନ ପରାମର୍ଶଦାତା ନୀଳକଣ୍ଠ ନାଏକ, ଲକ୍ଷ୍ମଣ କୁମାର ନାଏକ, ବସନ୍ତ କୁମାର ନାଏକ, ଚିତ୍ତରଞ୍ଜନ ନାଏକ, ପ୍ରଫୁଲ୍ଲ ନାଏକ, ସର୍ବେଶ୍ୱର ବେହେରା, ତାପସ କୁମାର ନାଏକ, ଗୟା ନାଏକ, ଲାଇମେନ ଲିଭେନ, କ୍ରିସ କାର୍ତ୍ତିକ ଓ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ପଞ୍ଚଶ୍ରୀକ୍ଷେତ୍ର

ବଅଁରପାଳ,୨୯।୬(ଉପେନ୍ଦ୍ର ରାଉତ)

ବଅଁରପାଳସ୍ଥିତ ପଞ୍ଚଶ୍ରୀକ୍ଷେତ୍ର ଧାମ ପରିସରରେ ପବିତ୍ର ସୁନାବେଶ ଅବସରରେ ଆଖପାଖ ଅଞ୍ଚଳର ଶିକ୍ଷାନୁଷ୍ଠାନର କୁନିକୁନି ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଧାରିତ ଭଜନ ପରିବେଷଣ କରିବା ସହ ଓଡିଶୀ, ଚମ୍ପୁ, କଥକ ଉପରେ ଏକକ ଓ ମିଳିତ ଭାବେ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆହତା, ଗୋତମରା, ପିବିକେ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦିବ୍ୟଦର୍ଶନ ଶିଶୁମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବିଶ୍ୱନାଥପୁର, ବନ୍ଧା, ଏନ୍‌ସିଡି ଏକାଡେମୀ, ଡିପିଏସ୍ (ନାଲ୍‌କୋ) ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପାଗ ଅନୁକୂଳ ଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମନ୍ଦିର ପରିସରରେ ଦର୍ଶକଙ୍କ ଭିଡ଼ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ବିଲ ହୁଡ଼ାରେ ଟଳିପଡ଼ିଲେ ସାମାଜିକ କର୍ମୀ

କଣିହାଁ,୨୯।୬ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସାନତ୍ରିବିଡା ଗ୍ରାମର ସାମାଜିକ କର୍ମୀ ଗୋକୁଳ ବେହେରା(୫୫)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୁରୁବାର ସକାଳେ ସେ ଟ୍ରାକ୍ଟର ନେଇ ବିଲରେ କାର୍ଯ୍ୟ କରିବାକୁ ଯାଇଥିଲେ। ହୁଡ଼ାରେ ଠିଆ ହୋଇଥିବା ବେଳେ ହଠାତ୍ ସେଠାରେ ପଡି ଯାଇଥିଲେ। ଖବରପାଇ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋକୁଳଙ୍କ ବିୟୋଗ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଦସ୍ୟା ମିନାକ୍ଷୀ ସାହୁ ଶୋକପ୍ରକାଶ କରିଛନ୍ତି। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ପୂର୍ବତନ ସରପଞ୍ଚ ଟିକନ ପ୍ରଧାନ, ବାବୁଲା ସେଠୀ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଆଶ୍ ପାଇପ ଫାଟି ରାସ୍ତା ଅବରୋଧ

କଣିହାଁ,୨୯।୬(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ଏକ ଆଶ୍ ପାଇପ ଫାଟି ଯିବାରୁ ଗୁରୁବାର ଅଧଘଣ୍ଟାରୁ ଅଧିକ ସମୟ ଧରି କଣିହାଁକୁ ସଂଯୋଗ କରୁଥିବା କାକୁଡିଆ-ଡେରେଙ୍ଗ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟତ ବ୍ୟାହତ ହୋଇଥିଲା। ଖବରପାଇ ପ୍ରକଳ୍ପ କର୍ତ୍ତୃପକ୍ଷ ପାଉଁଶ ପାଣି ଛାଡିବା ବନ୍ଦ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପାଇପ୍ ଫାଟିଯିବା ସହ ପରିବେଶ ପ୍ରଦୂଷଣ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏନ୍‌ଟିପିସି ପ୍ରକଳ୍ପରୁ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ୬ଟି ପାଇପ ଲାଇନ ଆଶପଣ୍ଡକୁ ଯାଇଛି। ଅପରାହ୍ନ ୫ଟା ପରେ ଗୋଟିଏ ପାଇପ ଫାଟି ଯାଇଥିଲା। ଉକ୍ତ ଫଟା ପାଇପରୁ ପାଉଁଶ ପାଣି ବାହାରି ରାସ୍ତାରେ ପ୍ରବାହିତ ହେବା ସହିତ ୪ ମିଟର ଉପରକୁ ପାଣି ଉଠିଥିଲା। ଏଥିପାଇଁ ଶତାଧିକ ପଥଚାରୀ ମାଉଁଆ ମନ୍ଦିର ନିକଟସ୍ଥ ରାସ୍ତାର ଉଭୟପାର୍ଶ୍ୱରେ ଗାଡିମୋଟର ଧରି ଅଟକି ରହିଥିଲେ। ଅତ୍ୟାଧୁନିକ ବ୍ୟବସ୍ଥା ସତ୍ତ୍ୱେ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅନେକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାଉଁଶ ପରିଚାଳନା ଅଧିକାରୀ ଏ.କେ ସାମଲଙ୍କୁ ଯୋଗାଯାଗ କରିବାରେ ମତାମତ ମିଳିନାହିଁ।


ଆଶ୍ ପାଇପ୍‌ରୁ ପାଣି ଲିକ୍ କରୁଛି।

# ଗ୍ରାମ ଭିତରେ ଦନ୍ତାହାତୀ, ଲୋକେ ଆତଙ୍କିତ

ଛେଣ୍ଡିପଦା,୨୯।୬ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। ହାତୀକୁ ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଉକ୍ତ ଦନ୍ତା ହାତୀଟି ଦୀର୍ଘ ଦିନ ହେବ ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିବା ସହିତ ଗ୍ରାମର ବହୁ ଚାଷୀଙ୍କ ଆମ୍ବ ପଣସ ଖାଇ ନଷ୍ଟ କରୁଛି। ଏହି ହାତୀ ଜଙ୍ଗଲରୁ ପଳାଇ ଆସି ଏହି ଅଞ୍ଚଳରେ ଅନେକ ଧନ ଜୀବନ ହାନି ଘଟାଉଛି। ବିଶେଷକରି କଣଲୋଇ, ନୂଆଗାଁ, ଭଟପାଳ, ଡଙ୍ଗାପାଳ ଆଦି ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛି। ଦିନବେଳା ବିଭିନ୍ନ ଆମ୍ବ ତୋଟା, ପଣସ ଗଛ ଘେରାରେ ରହୁଥିବା ବେଳେ ଗୁରୁବାର ଅପରାହ୍ନ ୪ଟା ବେଳେ ହାତୀଟି କଣଲୋଇ ଗ୍ରାମ ଭିତରେ ବୁଲିଥିବା ଦେଖାଯାଇଛି। ଏହା ଦେଖି ଗ୍ରାମବାସୀ ତୁରନ୍ତ ବନ ବିଭାଗର କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବରପାଇ ବିଭାଗର କର୍ମଚାରୀମାନେ ପହଞ୍ଚି ତୁରନ୍ତ ହାତୀଟିକୁ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ହାତୀଟି ଗାଁ ନିକଟରୁ ବାହାରକୁ ଯାଇ ନ ଥିଲା।



# ସଟ୍ରିଙ୍ଗ ପ୍ଲେଟ୍ ଚୋରି ଅଭିଯୋଗ, ଜଣେ ଗିରଫ

କଣିହାଁ,୨୯।୬(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପୋଲିସ ଚୋରି ଅଭିଯୋଗରେ ଜଣକୁ ଗିରଫ କରିବା ସହିତ ଚୋରିରେ ବ୍ୟବହୃତ ସ୍କୁଟି ଓ ବାଇକ୍ ଜବତ କରିଛି। ସମଲ ଥାନା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ଥାନା ଅଞ୍ଚଳ ଅଧୀନ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ଅର୍ଜୁନ ମହାନ୍ତି ଗ୍ରାମରେ ଏକ ହାର୍ଡୱେର ଦୋକାନ ଖୋଲିଛନ୍ତି। ବିକ୍ରି ଓ ଭଡା ପାଇଁ ସେ ଉକ୍ତ ଦୋକାନ ପରିସରରେ ରଖିଥିବା ସଟ୍ରିଙ୍ଗ ପ୍ଲେଟ ବୁଧବାର ବିଳମ୍ବିତ ରାତିରେ ଚୋରି ହେଉଥିଲା। କିଛି ଶବ୍ଦ ଶୁଣି ସେ ଉଠିବା ସହିତ ଗାଁ ଲୋକଙ୍କ ସମେତ ପୋଲିସକୁ ଜଣାଇଥିଲେ। ଗାଁ ଲୋକେ ଉଠି ଦୁର୍ବୃତ୍ତମାନଙ୍କୁ ପିଛା କରିଥିଲେ। ହେଲେ ଚୋରି କରିବାକୁ ଆସିଥିବା ଚାରିଜଣ ଦୁର୍ବୃତ୍ତ ସେଠାରେ ବାଇକ୍ ଛାଡି ପଳାଇ ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଖମାର ଥାନା ଅଞ୍ଚଳର ଯୁବକ ଅମର ନାଏକ(୩୦) ଧରାପଡିଥିଲେ। ରାତିରେ ପୋଲିସ ପାଟ୍ରୋଲିଂ ଚାଲିଥିବାରୁ ତୁରନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୋକାନ ନିକଟରୁ ବାଇକ୍ ଓ ସ୍କୁଟି ସହିତ ୪ଟି ସଟ୍ରିଙ୍ଗ ପ୍ଲେଟ ଜବତ କରି ଥାନାକୁ ଆଣିଥିଲେ। ଗୁରୁବାର ଅର୍ଜୁନଙ୍କ ଅଭିଯୋଗକ୍ରମେ ନଂ. ୧୮୬/୨୩ରେ ମାମଲା ରୁଜୁ କରାଯାଇ ଅମରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ନିର୍ମାଣ ହେଉନି ପକ୍କାରାସ୍ତା, ବଢୁଛି ଅସନ୍ତୋଷ

ବଇଣ୍ଡା,୨୯।୬(ପରିକ୍ଷିତ ସାହୁ)

ପ୍ରତ୍ୟେକ ଗ୍ରାମକୁ ଗମନାଗମନ କିଭଳି ସୁଦୃଢ଼ ହେବ ସେ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଏସବୁ ଯୋଜନା ସିଧାସଳଖ ଭାବେ ଅନେକ ଗ୍ରାମାଞ୍ଚଳରେ ପହଞ୍ଚି ପାରୁନାହିଁ। କେଉଁଠି ରାସ୍ତା ଦୀର୍ଘଦିନ ହେବ ଶୋଚନୀୟ ହୋଇଥିଲେ ମଧ୍ୟ ମରାମତି ହେଉ ନାହିଁ ତ ଆଉ କେଉଁଠି ରାସ୍ତା ନିର୍ମାଣ ନ ହୋଇ ମିଥ୍ୟା ବିଲ୍ କରି ଅର୍ଥ ହଡ଼ପ କରାଯାଉଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି।

ନୁନୁକାପଶି ପଞ୍ଚାୟତର ବଇଣ୍ଡା ରେଳ ଓଭରବ୍ରିଜଠାରୁ ଶିକ୍ଷକପଡା ଯାଇଥିବା ମାଟିରାସ୍ତା ଅତି ଶୋଚନୀୟ ହୋଇପଡିଛି। ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଥିଲେ ମଧ୍ୟ ଏହାକୁ ପକ୍କା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଶିକ୍ଷକପଡା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀ କହିଛନ୍ତି, ଏହି ରାସ୍ତାଟି ମାଟି ରାସ୍ତା ଥିବାବେଳେ ରାସ୍ତାର କିଛି ଅଂଶ ପଞ୍ଚାୟତ ଓ ଅନ୍ୟ କିଛି ଅଂଶ ରେଳବିଭାଗ ଅଧୀନରେ ରହିଛି। ହେଲେ ରାସ୍ତାର ମୁଖ୍ୟ ଭାଗ ମାଟି ଥିବାବେଳେ ଅଧ କିମି ପର୍ଯ୍ୟନ୍ତ ମାଟି ରହିଛି। ଏହି ରାସ୍ତାକୁ ପକ୍କା କରାଯାଉ ନ ଥିବା ଯୋଗୁ ଲୋକେ ଯାତାୟାତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏହି ରାସ୍ତା ଉପରେ ଶିକ୍ଷକପଡା, ବଡହୁଲା, ଦାଦାରସାହି, ସାନଗୋବିନ୍ଦପୁର, ଝରିପାଣି ଆଦି ଗ୍ରାମବାସୀ ପାଇଁ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଶତାଧିକ ଗାଡି ଏହି ରାସ୍ତା ଦେଇ ଯାତାୟତ କରୁଥିଲେ ମଧ୍ୟ ଏହାକୁ ପକ୍କା କରାଯାଉନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅପୂର୍ଣ୍ଣ ହୋଇଯାଉଛି। ପଞ୍ଚାୟତ ବିଭାଗ ପକ୍ଷରୁ କେବେ କେମିତି ମୋରମ ପକାଇ ସମତଳ କରାଯାଉଥିବାବେଳେ କିଛିମାସ ଗଲା ପରେ ରାସ୍ତା ଅବସ୍ଥା ପୂର୍ବସ୍ଥିତିକୁ ଫେରିଯାଉଛି। ଏହି ରାସ୍ତାକୁ ପିଚୁ କରିବା ପାଇଁ ଶିକ୍ଷକପଡା ଗ୍ରାମବାସୀ ଗତ ୧୨ ଜୁନ ୨୦୨୨ ଓ ୧ ଫେବୃୟାରୀ ୨୦୨୩ରେ ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ସମ୍ବଲପୁର ଏମ୍‌ପି, କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା।

## ଟ୍ରକ୍ ଧକ୍କାରେ ଯୁବକ ମୃତ, ଉତ୍ତେଜନା

ଭୁବନ,୨୯।୬(ବିପିନ ବିହାରୀ ସେଠୀ): ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଦେଇ ଯାଇଥିବା ଜାତୀୟ ରାଜପଥ ୫୩ର ନୀଳମାଧବ ପେଟ୍ରୋଲ୍ ପମ୍ପ ବାଇପାସ୍ ନିକଟରେ ଗୁରୁବାର ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତବ୍ୟକ୍ତି ହେଲେ ବିଶ୍ୱନାଥ ଜେନା ଓ ତାଙ୍କ ଘର ଯାଜପୁର ଜିଲା ଦାନଗଦି ଅଞ୍ଚଳର ଗୋଡିଗୋଠ ଗ୍ରାମରେ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ପ୍ରକାଶ ଯେ, ବିଶ୍ୱନାଥ ଏନ୍ଏସି ୧ନଂ. ୱାର୍ଡ କଲଣି ସାହିରେ ଥିବା ଶ୍ୱଶୁର ଘରକୁ ଆସିଥିଲେ। ଭୁବନ ବଜାରରୁ ଶ୍ୱଶୁର ଘରକୁ ସାଇକେଲରେ ଫେରୁଥିବାବେଳେ ପଛପଟୁ ଏକ ଟ୍ରକ୍ ତାଙ୍କୁ ଧକ୍କାଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରଲେଖା ସୁଦ୍ଧା ଘଟଣାସ୍ଥଳରେ ମୃତକଙ୍କ ସମ୍ପର୍କୀୟମାନେ ପହଞ୍ଚି ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଉଦ୍ୟାନଭିତ୍ତିକ ଚାଷ ଉପରେ ଗୁରୁତ୍ୱ



ଗଁଦିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ଉଦ୍ୟାନ କୃଷି କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨୯।୬(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଏବଂ ସାମ୍ମାନିତ ଅତିଥି ଭାବେ ଆତ୍ମା ସଭାପତି ବିଶ୍ୱନାଥ ଜେନା, ଏପିକଲ ଜିଲା ସଂଯୋଜକ ଅମ୍ରିତା ସାମନ୍ତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଶୋର କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୀତାଞ୍ଜଳି ପାଢ଼ୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବଦତ୍ତ ପାତ୍ର ଉପସ୍ଥିତ ଥିଲେ। ଗଁଦିଆ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ଅଗ୍ରଣୀ ଚାଷୀ ଏବଂ କୃଷି ଆନୁଷଙ୍ଗିକ କ୍ଷେତ୍ରର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଅଗ୍ରଣୀ କୃଷକମାନେ ଧାନ ଚାଷ ବ୍ୟତୀତ କିପରି ଉଦ୍ୟାନଭିତ୍ତିକ ଚାଷ ପିଜୁଳି, ଆମ୍ବ, କାଜୁ, ପଣସ, ଡାଳିମ୍ବ, ଲେମ୍ବୁ, କଦଳୀ ଆଦିରେ ସାମିଲ ହେବା ସହ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଉଦ୍ୟୋଗୀ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ତଥା ଛତୁ ଚାଷ, ଗୋପାଳନ, କୁକୁଡ଼ାଚାଷ, ଛେଳି ଚାଷ ଆଦିରେ ଶତକଡା ୫୦ ଭାଗ ଆଦିବାସୀ ହରିଜନ ତଥା ମହିଳାମାନଙ୍କୁ ଓ ଶତକଡା ୪୦ ଭାଗ ପୁରୁଷ ସାଧାରଣ ବର୍ଗଙ୍କୁ ରିହାତି ମିଳିଥାଏ ବୋଲି ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ସହକାରୀ କୃଷି ଉଦ୍ୟାନ ଅଧିକାରୀ ଦେବଦତ୍ତ ପାତ୍ର ସମସ୍ତ ଚାଷୀଙ୍କୁ ବିଭିନ୍ନ ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ସୁନାବେଶରେ ଝଟକିଲେ ଶ୍ରୀଜୀଉ

ଢେଙ୍କାନାଳ,୨୯।୬(ରତନ ନାୟାର)

ଢେଙ୍କାନାଳ ରଥଗଡାଠାରେ ଗୁରୁବାର ବଡ ଏକାଦଶୀ ଅବସରରେ ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥ ଉପରେ ସୁନା ବେଶରେ ଦର୍ଶନ ଦେଇଛନ୍ତି। ବର୍ଷାପାଗ ସତ୍ତ୍ୱେ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ବହୁ ସଂଖ୍ୟାରେ ଭିଡ଼ ଲାଗିଥିଲା। ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ରଥ ଉପରେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ। ଶ୍ରୀଜୀଉଙ୍କ ସୁନାବେଶରେ ୫କେଜି ୪୦୦ ଗ୍ରାମ ସୁନା ଅଳଙ୍କାର ଲାଗି ହୋଇଛି। ଫଳରେ ସୁନା ଅଳଙ୍କାରେ ଝଲସୁଛନ୍ତି ମହାପ୍ରଭୁ। ସୂଚନାଯୋଗ୍ୟ, ୨୦୦୪ ମସିହାରୁ ଢେଙ୍କାନାଳରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ଚଳିତବର୍ଷ ସୁନାବେଶ ଅବସରରେ ରଥ ଚାରିପାଖରେ ସୁରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଶୁକ୍ରବାର ମହାପ୍ରଭୁ ନୀଳାଦ୍ରି ବିଜେ କରିବେ।



## ଭାବରେ ବାନ୍ଧିଲା ଭଜନ ସନ୍ଧ୍ୟା

ଢେଙ୍କାନାଳ,୨୯।୬(ରତନ ନାୟାର)

ଢେଙ୍କାନାଳ ବାହୁଡ଼ାଯାତ୍ରା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ ରଥଗଡାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥ, ଗଣେଶବଜାର ପୂଜା କମିଟି ସଭାପତି ବସନ୍ତ ସାହୁ, ଆଇନଜୀବୀ ଶରତ ସାହୁ, ଖବରଦାତା ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପାଠ କରିଥିଲେ। ଅଥୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁକାନ୍ତ ମିଶ୍ର ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ଭଜନ ପରିବେଷଣ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ସୁଧାକର ମିଶ୍ର, ପ୍ରଫୁଲ୍ଲ ବେହେରା, ଦୀପ୍ତିମୟୀ ଦାସ ଓ ପ୍ରିୟଙ୍କା ମିଶ୍ର ପ୍ରମୁଖଙ୍କ କଣ୍ଠରୁ ଝରିପଡୁଥିବା ଗୋଟିଏ ପରେ ଗୋଟିଏ ଭଜନ ଶ୍ରୋତାମାନଙ୍କୁ ଭାବରେ ବାନ୍ଧି ରଖିଥିଲା। ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ଶ୍ରୀନିବାସ ଦାସ, ନୃସିଂହ ବେହେରା, ବାବୁଲି ଦାସ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଢେଙ୍କାନାଳ ବାହୁଡ଼ାଯାତ୍ରା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି।


ଗୁରୁବାର ପ୍ରବଳ ବର୍ଷା ଯୋଗୁ ଢେଙ୍କାନାଳ ସହର ମହାବୀର ବଜାରଠାରେ ରାସ୍ତା ଉପରେ ପାଣିର ସୁଅ।

## ବୈଶାଖୀଙ୍କୁ ଶୁଭେଚ୍ଛା ଜଣାଇଲେ ଭାଜପା ନେତା

ପରଜଙ୍ଗ,୨୯।୬ (ନିଗମାନନ୍ଦ ଦଳବେହେରା)

ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ କଳା ଇତିହାସ ବିଭାଗରେ ୟୁନିଭରସିଟି ଟପ୍ପର ହୋଇଥିବା ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତର ବୈଶାଖୀ ବେହେରାଙ୍କୁ ଭାଜପା ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ପରଜଙ୍ଗ ନିର୍ବାଚନମଣ୍ଡଳୀ ଭାଜପା ନେତା ବିଭୂତି ଭୂଷଣ ପ୍ରଧାନ, କୁଆଳୋ ଗ୍ରାମ୍ୟ ସଭାପତି ଅନିଲ ଭୂତିଆ, ସରପଞ୍ଚ ଅଜିତ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଭଞ୍ଜକିଶୋର ସାହୁ ପ୍ରମୁଖ କୁଆଳୋସ୍ଥିତ ବୈଶାଖୀଙ୍କ ଘରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ତାଙ୍କୁ ମିଠା ଖୁଆଇଛନ୍ତି। ଏହି ସଫଳତା ପାଇଁ ବୈଶାଖୀଙ୍କୁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି।


ୟୁନିଭରସିଟି ଟପ୍ପର ହୋଇଥିବା ବୈଶାଖୀ ବେହେରାଙ୍କୁ ଭାଜପା ନେତାମାନେ ଶୁଭେଚ୍ଛା ଜଣାଉଛନ୍ତି।

## ସ୍ୱନକ୍ଷତ୍ର ଦିବସରେ ଜିଲାସ୍ତରୀୟ ପ୍ରତିଯୋଗିତା

ଢେଙ୍କାନାଳ,୨୯।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଂସ୍କୃତି ଭବନ ପରିସରରେ ଗୁରୁବାର ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ସାଧାରଣ ଜ୍ଞାନ, ରଚନା, କବିତା ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧାରଣ ଜ୍ଞାନ ବରିଷ୍ଠ ବିଭାଗରେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ଛାତ୍ର ମନୋରଞ୍ଜନ ସାମଲ ପ୍ରଥମ, ରଚନା ବରିଷ୍ଠ ବିଭାଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କାମାକ୍ଷାନଗରର ପାୟଲ ଦାସ ପ୍ରଥମ, କନିଷ୍ଠ ବିଭାଗରେ ସୋଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଶ୍ୱକ୍ରାନ୍ତି ବେହେରା ପ୍ରଥମ, କବିତା ଆବୃତ୍ତି ବରିଷ୍ଠ ବିଭାଗରେ ସେଣ୍ଟ ଜାଭିୟର ହାଇସ୍କୁଲ ଢେଙ୍କାନାଳ ଛାତ୍ର ସାଇଚନ୍ଦନ ଦାସ ପ୍ରଥମ, କନିଷ୍ଠ ବିଭାଗରେ ଦିଲୀ ପବ୍ଲିକ ସ୍କୁଲ ଢେଙ୍କାନାଳର ମାନସୀ ମହାନ୍ତି ପ୍ରଥମ, ବକ୍ତୃତା ପ୍ରତିଯୋଗିତା କନିଷ୍ଠ ବିଭାଗରେ ବଡସୁଆଁଳ ସରକାରୀ ବିଦ୍ୟାଳୟର ପ୍ରିୟବ୍ରତ ସେନାପତି ପ୍ରଥମ, କନିଷ୍ଠ ବିଭାଗରେ ଢେଙ୍କାନାଳ ସୁଲକ୍ଷଣାଦେବୀ ସହକାରୀ ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଗୁରୁ ଯାମିନୀ ରଞ୍ଜନ ଦାସ, ନାଟ୍ୟକାର ଶତ୍ରୁଘ୍ନ ମାଟି ଓ ଆର୍ଯ୍ୟରତ୍ନ ଚକ୍ରଧର ପ୍ରମୁଖ ରହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଢେଙ୍କାନାଳ ଜିଲା ସଦସ୍ୟା ଡ. ପୁଷ୍ପଲତା ରଥ, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜିଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ଢେଙ୍କାନାଳରେ ଇଦ୍–ଉଜ୍–ଜୁହା ପାଳିତ

ଢେଙ୍କାନାଳ,୨୯।୬(ରତନ ନାୟାର)

ଢେଙ୍କାନାଳ ସହରରେ ଗୁରୁବାର ମୁସଲିମ ସମ୍ପ୍ରଦାୟର ବଳିଦାନର ପର୍ବ ଇଦ୍–ଉଜ୍–ଜୁହା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମିନାବଜାରସ୍ଥିତ ଜାମା ମସଜିଦ ଓ କାଞ୍ଚନ ବଜାରସ୍ଥିତ ମୋତି ମସଜିଦରେ ସକାଳେ ସାମୂହିକ ନମାଜ ପାଠ ହୋଇଥିଲା। ମୁସଲମାନ ଭାଇମାନେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ଏହି ପର୍ବ ହେଉଛି ଶାନ୍ତି, ତ୍ୟାଗ ଓ ବଳିଦାନର ପର୍ବ। ଚଳିତବର୍ଷ ସହରରେ ଇଦ୍–ଉଜ୍–ଜୁହା ଆନନ୍ଦଉଲ୍ଲାସର ସହ ପାଳିତ ହୋଇଥିଲା।


ଢେଙ୍କାନାଳ ସହର ମୋତି ମସଜିଦଠାରେ ଇଦ୍–ଉଜ୍–ଜୁହା ଅବସରରେ ସମୂହ ନମାଜ ପାଠ କରାଯାଉଛି।


ଜାମା ମସଜିଦଠାରେ ଇଦ୍–ଉଜ୍–ଜୁହା ପାଳନ ବେଳେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି ମୁସଲିମ ଭାଇମାନେ।

